# ଜଙ୍ଗଲ୍ ଅଧିକାର୍ ଆଇନ୍, ୨୦୦୬ ଏବଂ ସଂଶୋଧିତ ନିୟମ, ୨୦୧୨

## ଜଙ୍ଗଲ ଅଧିକାର ଆଇନ୍‌ର ଉଦ୍ଦେଶ୍ୟ

- ବଂଶାନୁକ୍ରମେ ଜଙ୍ଗଲରେ ବସବାସ ଓ ଜଙ୍ଗଲ ଉପରେ ନିର୍ଭରକରି ଆସୁଥିବା ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଜଙ୍ଗଲ ଓ ଜଙ୍ଗଲଜମି ଉପରେ ଥିବା ପାରମ୍ପରିକ ଅବା ପ୍ରଥାନୁମୋଦିତ ଅଧିକାର(ବ୍ୟକ୍ତିଗତ, ଗୋଷ୍ଠିଗତଓ ଗୋଷ୍ଠିଜଙ୍ଗଲ ସମ୍ବଳ) ଗୁଡ଼ିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା
- ଜୀବିକାର ସୁରକ୍ଷା ସହିତ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା
- ପ୍ରାକୃତିକ ସମ୍ବଳର ଚିରନ୍ତନ ବ୍ୟବହାର, ଜୈବ ବିବିଧତାର ସୁରକ୍ଷା,ସଂରକ୍ଷଣ ଓ ପରିଚାଳନା ଆଦିକୁ ସୁଦୃଢ କରିବା ।

## ଆଇନ୍ କାହା ପାଇଁ ?

- ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ଜଙ୍ଗଲ ମଧ୍ୟରେ ଓ ତାହାର ଆଖପାଖ ଅଞ୍ଚଳରେ ପ୍ରାଥମିକ ଭାବରେ ଜଙ୍ଗଲ ଜମି ଉପରେ ଚାଷ, ଚାଷ ଆନୁସଙ୍ଗିକ କାର୍ଯ୍ୟକ୍ରମ ଏବଂ ବାସ ଉପରେ ନିର୍ଭର କରିଆସୁଥିବା ସମସ୍ତ ଅନୁସୂଚିତ ଜନଜାତି, ଆଦିମ ଜନଜାତି ଓ ପ୍ରାକ୍ କୃଷିଜୀବି
- ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ତିନିପିଢି ଧରି (୭୫ ବର୍ଷ) ଜଙ୍ଗଲ ମଧ୍ୟରେ ଓ ତାହାର ଆଖପାଖ ଅଞ୍ଚଳରେ ବସବାସ ଓ ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ଜଙ୍ଗଲ ଜମି ଉପରେ ଚାଷ, ବାସ ଏବଂ ଚାଷ ଆନୁସଙ୍ଗିକ କାର୍ଯ୍ୟକ୍ରମ ନିମନ୍ତେ ଅକ୍ତିଆର କରିଆସୁଥିବା ଅନ୍ୟାନ୍ୟ ପାରମ୍ପରିକ ବନବାସୀ

**ଜଙ୍ଗଲ ଅଧିକାର ଆଇନ୍‌ରେକେଉଁ ପ୍ରକାର ଜଙ୍ଗଲ ଜମି ଉପରେ ଅଧିକାର ସ୍ୱୀକୃତି କରାଯାଇପାରିବ ?**ଯେକୌଣସି ସରକାରୀ ଖାତାପତ୍ରରେ ବର୍ଣ୍ଣନା/ ଉଲ୍ଲେଖ କରାଯାଇଥିବା ସମସ୍ତ ଜଙ୍ଗଲ କିସମର ଜମିକୁ "ଜଙ୍ଗଲ ଜମି" କୁହାଯାଇଥାଏ । ଏଥିରେ ନିମ୍ନଲିଖିତ ଜଙ୍ଗଲ କିସମର ଜମି ଅନ୍ତର୍ଭୁକ୍ତ –

- ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲ
- ଚିହ୍ନଟ ଜଙ୍ଗଲ
- ଅଣ-ଚିହ୍ନଟ ଜଙ୍ଗଲ
- ରକ୍ଷିତ ଜଙ୍ଗଲ
- ସଂରକ୍ଷିତ ଜଙ୍ଗଲ
- ଅଭୟାରଣ୍ୟ, ଜାତୀୟ ଉଦ୍ୟାନ
- ରାଜସ୍ୱ ଖାତାରେ ବର୍ଣ୍ଣିତ / ଉଲ୍ଲେଖିତ ସମସ୍ତ କିସମର ଜଙ୍ଗଲ ଜମି (ପତରା ଜଙ୍ଗଲ/ଖେସରା ଜଙ୍ଗଲ/ଛୋଟ ଜଙ୍ଗଲ/ବଡ଼ ଜଙ୍ଗଲ/ ଛାଡ଼୍ ଜଙ୍ଗଲ/ ଗ୍ରାମ୍ୟ ଜଙ୍ଗଲ/ ଜଙ୍ଗଲ ଏକ/ଜଙ୍ଗଲ ଦୁଇ ଇତ୍ୟାଦି) ଏବଂ ଆର୍.ଓ.ଆର୍ ର ମନ୍ତବ୍ୟସ୍ତମ୍ଭରେ ଯଦି "ଜଙ୍ଗଲ" ଲେଖାଯାଇଥାଏ
- ଡ଼ି.ଏଲ୍.ସି ଜମି: (୧୯୯୬ ମସିହାରେ ଉଚ୍ଚନ୍ୟାୟଳୟର ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଚିହ୍ନଟ କରାଯାଇଥିବା ଜଙ୍ଗଲ ରୂପେ ବିବେଚିତ ଜମି)

## ଜଙ୍ଗଲ ଅଧିକାର ଆଇନ୍‌ରେ ପ୍ରଦତ୍ତ ଅଧିକାର

### ୧. ବ୍ୟକ୍ତିଗତ ଅଧିକାର – (ଦାବି ଫର୍ମ "କ")ଅତି ବେଶୀରେ ୪ ହେକ୍ଟର୍ କିମ୍ବା ୧୦ ଏକର ପର୍ଯ୍ୟନ୍ତ ଅଧିକାର ମିଳିପାରିବ

- ଜଙ୍ଗଲ ଜମିରେ ବସବାସ କରିବା ଓ ଚାଷକରି ଜୀବିକା ଅର୍ଜନ କରିବାର ଅଧିକାର
- ବିବାଦୀୟ ଜମି ଉପରେ ଅଧିକାର
- ରାଜ୍ୟ ସରକାର ବା ତାଙ୍କର ସ୍ଥାନୀୟ ଅଧିକାରୀ ମାନଙ୍କ ଦ୍ୱାରା ଦିଆଯାଇଥିବା ଅସ୍ଥାୟୀ ପଟ୍ଟା ବା ମଞ୍ଜୁରୀ ବା ଲିଜ୍ ଜମିର ସ୍ଥାୟୀ ପଟ୍ଟା ପାଇବାର ଅଧିକାର
- ୧୩ ଡ଼ିସେମ୍ବର ୨୦୦୫ ପୂର୍ବରୁ ଅନୈତିକ ଭାବରେ ଉଚ୍ଛେଦ ହୋଇଥିବା ତଥା ଉପଯୁକ୍ତ ପୁନର୍ବାସ ପାଇନଥିବା ବ୍ୟକ୍ତି / ପରିବାରର ପୁନର୍ବାସ ଅଧିକାର

### ୨.ଗୋଷ୍ଠିଗତ ଅଧିକାର – (ଦାବି ଫର୍ମ "ଖ")ପାରମ୍ପରିକ ସୀମା ଅନୁଯାୟୀ ଅଧିକାର ମିଳିବ ।

- ଜମିଦାରୀ' ବା 'ରାଜରାଜୁଡ଼ା' ଶାସନ କାଳରେ ମିଳିଥିବା "ନିସ୍ତାର" ଭଳି ସାମୁହିକ ଅଧିକାର
- ଲଘୁ ବନଜାତ ଦ୍ରବ୍ୟର ଉପରେ ମାଲିକାନା ଓ ତାହାର ସଂଗ୍ରହ, ବ୍ୟବହାର ଓ ବିକ୍ରୟ ନିମନ୍ତେ ଅଧିକାର
- ଜଙ୍ଗଲ ଜମିରେ ଥିବା ଜଳାଶୟଗୁଡ଼ିକରୁ ମାଛ ଧରିବା ବା ଅନ୍ୟ ଜଳଜ ଦ୍ରବ୍ୟ ସଂଗ୍ରହ କରିବାର ଅଧିକାର
- ଯାଯାବର ଓ ଚାରଣଶୀଳ ଗୋଷ୍ଠୀମାନଙ୍କର ଜଙ୍ଗଲ ଜମି ମଧ୍ୟରେ ଋତୁଭିତ୍ତିକ ପ୍ରବେଶ ଓ ବ୍ୟବହାରିକ ଅଧିକାର
- ଆଦିମ ଜନଜାତି ଓ ପ୍ରାକ୍ କୃଷିଜୀବିମାନଙ୍କର ପୈତୃକ ସମ୍ପତ୍ତି ତଥା ଆବାସସ୍ଥଳୀ/ ବସତି ଉପରେ ଅଧିକାର
- ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତା ସମ୍ପର୍କିତ ପାରମ୍ପରିକ ଜ୍ଞାନକୌଶଳ ଉପରେ ବୌଦ୍ଧିକ ଅଧିକାର
- ଅନ୍ୟକୌଣସି ପାରମ୍ପରିକ ଅବା ପ୍ରଥାନୁମୋଦିତ ଅଧିକାର ଯାହା ଉପରୋକ୍ତ ଅଧିକାର ମଧ୍ୟରେ ସ୍ଥାନ ପାଇନାହିଁ ।

### ୩. ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର – (ଦାବି ଫର୍ମ "ଗ") ପାରମ୍ପରିକ ସୀମା ଅନୁଯାୟୀ ଅଧିକାର ମିଳିବ

- ପାରମ୍ପରିକ ଭାବରେ ଜଙ୍ଗଲର ସୁରକ୍ଷା, ପୁନର୍ଜନନ, ସଂରକ୍ଷଣ ଓ ପରିଚାଳନା କରିବାର ଅଧିକାର

## ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ବର୍ଣ୍ଣିତ ସାଙ୍ଗଠନିକ ଅନୁଷ୍ଠାନ ଏବଂ ସେଗୁଡ଼ିକର କାର୍ଯ୍ୟ

ଆଇନ୍ ଓ ନିୟମରେ ପ୍ରଣୀତ ବିଧିବ୍ୟବସ୍ଥାକୁ ସୁଚାରୁପେ କାର୍ଯ୍ୟକାରୀ କରିବା ନିମନ୍ତେ ଚାରୋଟି ସ୍ତରରେ କମିଟି ଗଠନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ସେଗୁଡ଼ିକ ହେଉଛି:

**୧.ଗ୍ରାମସଭା ୨.ଉପଖଣ୍ଡସ୍ତରୀୟ କମିଟି ୩. ଜିଲ୍ଲାସ୍ତରୀୟ କମିଟି ୪. ରାଜ୍ୟସ୍ତରୀୟ ତଦାରଖ କମିଟି**

### ୧. ଗ୍ରାମସଭା

- ଗ୍ରାମର ସମସ୍ତ ସାବାଳକ / ସାବାଳିକା (୧୮ ବର୍ଷରୁ ଉର୍ଦ୍ଧ୍ୱ) ଯେଉଁ ସଭାରେ ଯୋଗ ଦେଉଥିବେ
- ଗ୍ରାମସଭା ବୈଠକର କୋରମ୍ ଅତି କମ୍‌ରେ ସମସ୍ତ ସାବାଳକଙ୍କର ୫୦ ପ୍ରତିଶତ ହୋଇଥିବ ଯେଉଁଥିରେ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ସଦସ୍ୟା ଉପସ୍ଥିତ ଥିବା ଆବଶ୍ୟକ

**ଗ୍ରାମସଭାର୍ କାର୍ଯ୍ୟ:**

- ସମସ୍ତଙ୍କର ସହମତିକ୍ରମେ **"ଜଙ୍ଗଲ ଅଧିକାର କମିଟି''** ଗଠନ କରିବା
- ଜଙ୍ଗଲ ଅଧିକାର ଗୁଡ଼ିକର ସ୍ୱରୂପ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିବା, ଦାବି ଗୁଡ଼ିକୁ ଗ୍ରହଣ, ଶୁଣାଣୀ ଏବଂ ଗୃହିତ କରାଇ ଉପ-ଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବା
- ପଞ୍ଚାୟତ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସମସ୍ତ ପଡାଗ୍ରାମ, ବସତି, ଜଙ୍ଗଲ ଗ୍ରାମ ଏବଂ ଅଣସର୍ଭେ ଗ୍ରାମର ସୂଚୀକୁ ଅନୁମୋଦନ କରିବା
- ଆଇନ୍‌ର ଧାରା ୫ ଅନୁଯାୟୀ ବନ୍ୟଜନ୍ତୁ ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ କମିଟି ଗଠନ କରିବା ତଥା ପରିଚାଳନା ପାଇଁ ନୀତିନୀୟମ ପ୍ରଣୟନ କରିବା
- ଲଘୁବନଜାତଦ୍ରବ୍ୟର ପରିବହନ ନିମନ୍ତେ ଆବଶ୍ୟକୀୟ ଟ୍ରାନ୍‌ଜିଟ୍ ପର୍ମିଟ୍ ପ୍ରଦାନ କରିବା ।

### ଜଙ୍ଗଲ୍ ଅଧିକାର୍ କମିଟିର୍ ଗଠନ –

- ଗ୍ରାମସଭା ବୈଠକରେ ଉପସ୍ଥିତ ଥିବା ସମସ୍ତ ସାବାଳକ ଓ ସାବାଳିକା (୧୮ ବର୍ଷରୁ ଉର୍ଦ୍ଧ୍ୱ)ମାନଙ୍କ ଦ୍ୱାରା ନିର୍ବାଚିତ ଅବା ମନୋନୀତ ଅବା ଚୟନ ହୋଇଥିବା କମିଟିକୁ 'ଜଙ୍ଗଲ ଅଧିକାର କମିଟି' କୁହାଯାଏ ।
- ଏହି କମିଟିରେ ୧୦ରୁ ୧୫ଜଣ ସଦସ୍ୟା/ ସଦସ୍ୟ ରହିବେ ଏବଂ ଏହାର ତିନି ଭାଗରୁ ଦୁଇ ଭାଗ ସଭ୍ୟ ଆଦିବାସୀ ତଥା ତିନିଭାଗରୁ ଏକ ଭାଗ ମହିଳା ସଭ୍ୟା ହେବା ଆବଶ୍ୟକ ।
- କମିଟିର ଅଧକ୍ଷ ଓ ସମ୍ପାଦକ ଜଙ୍ଗଲ ଅଧିକାର କମିଟି ଦ୍ୱାରା ମନୋନୀତ ଅବା ନିର୍ବାଚିତ ହେବେ ।

### ଜଙ୍ଗଲ୍ ଅଧିକାର୍ କମିଟିର୍ କାର୍ଯ୍ୟ –

**ବ୍ୟକ୍ତିଗତ ଦାବି ନିମନ୍ତେ**

- ଦାବିଦାର୍‌ଙ୍କ ଠାରୁ ଦାବିପତ୍ର ସଂଗ୍ରହ ଓ ପ୍ରାପ୍ତି ସ୍ୱୀକାର ରସିଦ୍ ପ୍ରଦାନ କରିବା
- ଦାବିଦାରଙ୍କ ଦ୍ୱାରା ପ୍ରଦତ୍ତ ସୂଚନାକୁ ଆଧାର କରି ସତ୍ୟାସତ୍ୟ ନିରୂପଣ ନିମନ୍ତେ କ୍ଷେତ୍ରସ୍ତରୀୟ ଯାଞ୍ଚ କରିବା ପୂର୍ବରୁ ଦାବିଦାର ଓ ସଂପୃକ୍ତ ବିଭାଗଙ୍କୁ ସୂଚିତ କରିବା
- ସମସ୍ତ ଦାବିଦାର୍‌ଙ୍କ ଯାଞ୍ଚ କାର୍ଯ୍ୟ ହେବା ପରେ ଏକ ବିବରଣୀ ପ୍ରସ୍ତୁତ କରି ଗ୍ରାମସଭାରେ ଉପସ୍ଥାପନ କରିବା ଏବଂ ଗ୍ରାମସଭା ଦ୍ୱାରା ଗୃହୀତ କରାଇ ଉପଖଣ୍ଡସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବା

**ଗୋଷ୍ଠିଗତ ଏବଂ ଗୋଷ୍ଠି ଜଙ୍ଗଲ ସମ୍ବଳ ଦାବି ନିମନ୍ତେ**

- ଗ୍ରାମସଭା ତରଫରୁ ଗୋଷ୍ଠିଗତ ଅଧିକାର (ଫର୍ମ ଖ) ଏବଂ ଗୋଷ୍ଠିଜଙ୍ଗଲ ସମ୍ବଳ ଅଧିକାର (ଫର୍ମ ଗ) ଦାବି ପ୍ରସ୍ତୁତ କରିବା ସହିତ ଗ୍ରାମର ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହିତ ବିଚାର ବିମର୍ଷ କରି ଗୋଷ୍ଠି ଜଙ୍ଗଲ ସମ୍ବଳର ପାରମ୍ପରିକ ସୀମା ନିର୍ଦ୍ଧାରଣ କରି ମାନଚିତ୍ର ପ୍ରସ୍ତୁତ କରିବା
- ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ଅଧିକାର କମିଟି ଗୁଡ଼ିକୁ ଚିଠି ମାଧ୍ୟମରେ ସୂଚୀତ କରାଇ ମିଳିତ ବୈଠକ ମାଧ୍ୟମରେ ଗୋଷ୍ଠୀଜଙ୍ଗଲ ସମ୍ବଳର ଉପଯୋଗର ସ୍ୱରୂପ ସମ୍ବନ୍ଧରେ ବିଚାର କରି ତତ୍ ସମ୍ପର୍କିତ ମତାମତକୁ ଉକ୍ତ ଗ୍ରାମସଭାଗୁଡ଼ିକୁ ପ୍ରେରଣ କରିବା ।
- ଦାବୀ ଏବଂ ପ୍ରମାଣପତ୍ରର କ୍ଷେତ୍ରସ୍ତରୀୟ ଯାଞ୍ଚ ନିମନ୍ତେ ରାଜସ୍ୱ ବିଭାଗ ଏବଂ ଜଙ୍ଗଲ ବିଭାଗକୁ ସୂଚନା ପ୍ରଦାନ କରିବା ।

**ବନ୍ୟପ୍ରାଣୀମାନଙ୍କୁ ଶିକାର କରିବା ଅବା ଫାଶ ବସାଇବା କିମ୍ବା ସେମାନଙ୍କ ଶରୀରରୁ କୌଣସି ଅଂଶକୁ କାଢି ନେବା ଭଳି କାର୍ଯ୍ୟକଳାପକୁ ଏହି ଆଇନ୍ ଅଧିନରେ ସ୍ୱୀକୃତି ପ୍ରଦାନ କରାଯାଇନାହିଁ ।**